# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**11 February - 2025**

**News Editor : Tapan Kumar Maharana**

******************************

## ମୁଖ୍ୟ ସମ୍ବାଦ

- ମହିଳାମାନେ ସମ୍ମୁଖୀନ ହେଉଥିବା ମାନସିକ ଚାପର ଲାଘବ ପାଇଁ ରାଜ୍ୟ ସରକାର ସ୍ଥାପନ କରିବେ 'ମାନସିକ ସ୍ୱାସ୍ଥ୍ୟ ପରାମର୍ଶ କେନ୍ଦ୍ର'
- ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ୫୪ କୋଟିରୁ ଊର୍ଦ୍ଧ୍ୱ ସଂଚୟ ଖାତା ଖୋଲାଯାଇଥିବା ନେଇ ସଂସଦରେ ତଥ୍ୟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ
- ଯୋରନ୍ଦା ଏବଂ ସନ୍ଥ କବି ଭୀମ ଭୋଇଙ୍କର ସମାଧୀ ପୀଠରେ ଆରମ୍ଭ ହୋଇଛି ମାଘ ମେଳା

ଏବଂ

- ନିର୍ଭୁଲ ପଞ୍ଜିକା ପ୍ରସ୍ତୁତ କରିବା ନେଇ ଶ୍ରୀମନ୍ଦିରରେ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ

## ହେଲ୍ଥ କାଉନ୍ସେଲିଂ

ରାଜ୍ୟ ସରକାର ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ମାନସିକ ଚାପର ସମାଧାନ କରିବା ନେଇ 'ମେଣ୍ଟାଲ ହେଲ୍ଥ କାଉନସେଲିଂ ସେଣ୍ଟର୍' ସ୍ଥାପନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱରରେ ରାଜ୍ୟ ମହିଳା କମିଶନର ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି, ମହିଳାଙ୍କର ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣିବା, ବିବାହ ବିଚ୍ଛେଦକୁ ହ୍ରାସ କରିବା ଦିଗରେ ଏହି କେନ୍ଦ୍ର କାର୍ଯ୍ୟ କରିବ। ମଦରସ କୋର୍ଟ କିମ୍ବା ମା'ର ଛାଟ ନାମରେ ଏହାକୁ ନାମିତ କରାଯିବ।

## - V/O –

## ହେଲ୍ଥ କାଉନ୍ସେଲିଂ

ରାଜ୍ୟ ସରକାର ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ମାନସିକ ଚାପର ସମାଧାନ କରିବା ନେଇ 'ମାନସିକ ସ୍ୱାସ୍ଥ୍ୟ ପରାମର୍ଶ କେନ୍ଦ୍ର' ସ୍ଥାପନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱରରେ ରାଜ୍ୟ ମହିଳା କମିଶନର ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି, ମହିଳାଙ୍କର ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣିବା, ବିବାହ ବିଚ୍ଛେଦକୁ ହ୍ରାସ କରିବା ଦିଗରେ ଏହି କେନ୍ଦ୍ର କାର୍ଯ୍ୟ କରିବ। ମଦରସ କୋର୍ଟ କିମ୍ବା ମା'ର ଛାଟ ନାମରେ ଏହାକୁ ନାମିତ କରାଯିବ।

## - V/O –

## ମହିଳା ଜନଶୁଣାଣି

ମହିଳାମାନଙ୍କୁ ସଶକ୍ତ କରିବା ଏବଂ ତୃଣମୂଳ ସ୍ତରରେ ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ, ଜାତୀୟ ମହିଳା ଆୟୋଗଙ୍କ ତରଫରୁ ଭୁବନେଶ୍ୱରଠାରେ 'ଜାତୀୟ ମହିଳା କମିଶନ-ଆପଣଙ୍କ ଦ୍ୱାରରେ' ଶୀର୍ଷକ ଏକ ଜନ ଶୁଣାଣି  କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍‌ଠାରେ ଜାତୀୟ ମହିଳା କମିଶନ ଅଧକ୍ଷା ବିଜୟା ରାହଟକରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହିଳାମାନଙ୍କ ସହ ଜଡିତ ବିଚାରାଧୀନ ମାମଲାଗୁଡ଼ିକର ସମାଧାନ ଏବଂ ସମସ୍ୟାଗୁଡ଼ିକର ଶୀଘ୍ର ଫଇସଲା କରିବା ପାଇଁ  ଜନଶୁଣାଣି ଶିବିର ଆୟୋଜନ କରାଯାଇଛି।

## ଜନଧନ ଖାତା

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଗତ ମାସ ୧୫ ତାରିଖ ସୁଦ୍ଧା ୫୪ କୋଟି ୫୦ ଲକ୍ଷରୁ ଅଧିକ ଜନଧନ ଖାତା ଖୋଲାଯାଇଛି ବୋଲି ଲୋକସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଏଥିମଧ୍ୟରୁ ୩୦ କୋଟି ୩୭ ଲକ୍ଷ ଖାତା ମହିଳାଙ୍କ ନାମରେ ରହିଥିବା ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଗତ ଜାନୁୟାରୀ ମାସ ୧୫ ତାରିଖ ସୁଦ୍ଧା ୨୨ କୋଟି ୫୨

ଲକ୍ଷ ପଞ୍ଜୀକରଣ ହୋଇଛି। ଏଥିମଧ୍ୟରୁ ୧୦ କୋଟିରୁ ଊର୍ଦ୍ଧ୍ୱ ମହିଳା ଏହି ଯୋଜନାରେ ସାମିଲ ହୋଇଛନ୍ତି।

ଅନ୍ୟପକ୍ଷରେ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ଏହି ସମୟସୁଦ୍ଧା ୪୯ କୋଟିରୁ ଊର୍ଦ୍ଧ୍ୱ ଥିବାବେଳେ ପାଖାପାଖି ୨୩ କୋଟି ମହିଳା ଏଥିରେ ସାମିଲ ଥିବାନେଇ ଅର୍ଥମନ୍ତ୍ରୀ ଲୋକସଭାରେ କହିଛନ୍ତି।

## ନଳକୂପ ଖନନ

ଗ୍ରୀଷ୍ମଋତୁରେ ପାନୀୟ ଜଳ ବ୍ୟବସ୍ଥାକୁ ସୁପରିଚାଳନା କରିବା ଲକ୍ଷ୍ୟରେ ୭୦ ଜନସଂଖ୍ୟାବିଶିଷ୍ଟ ଗ୍ରାମରେ ଗୋଟିଏ ଲେଖାଏଁ ଏବଂ ଏହାଠାରୁ ଊର୍ଦ୍ଧ୍ୱ ଜନସଂଖ୍ୟାବିଶିଷ୍ଟ ଗ୍ରାମଗୁଡ଼ିକରେ ୨ଟି ଲେଖାଏଁ ନଳକୂପ ଖନନ କରିବା ପାଇଁ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ୭୨ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଶେଷ କରାଯାଇ 'ହରଘର ଜଲ'ର ବ୍ୟବସ୍ଥା କରାଯିବ। ଡିସେମ୍ବର ମାସ ଶେଷ ସୁଦ୍ଧା ୫୪ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଏବଂ ୨୦୨୬ ମସିହା ଜୁନ୍‌ମାସ ଶେଷ ସୁଦ୍ଧା ୮୧ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କରାଯାଇ  ପାନୀୟ ଜଳ ବ୍ୟବସ୍ଥାକୁ ସୁସଂଗଠିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

## ଗଜ ଉଦ୍ଧାରଣ ବେଶ

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀଜୀଉମାନଙ୍କର ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ଆସନ୍ତା ଦୁଇଦିନ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିକଶିତ ଓଡ଼ିଶା ୨୦୩୬

ରାଜ୍ୟ ସରକାର 'ବିକଶିତ ଓଡ଼ିଶା ୨୦୩୬'କୁ ଦୃଷ୍ଟିରେ ରଖି ସ୍ମାର୍ଟ ଏବଂ ସ୍ଥାୟୀ ସହର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହରାଞ୍ଚଳ ବିକାଶ ପ୍ରକଳ୍ପ ଚଳାଇବା ଲାଗି ବିଭିନ୍ନ ପୌରାଞ୍ଚଳ ସଂସ୍ଥାଗୁଡ଼ିକର  ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ସହରାଞ୍ଚଳଗୁଡ଼ିକର ନିୟମିତ ଭାବେ ସାପ୍ତାହକୁ ଥରେ ଉନ୍ନୟନମୂଳକ କାର୍ଯ୍ୟକର ସମୀକ୍ଷା କରିବା ଲାଗି ଶ୍ରୀମତୀ ପାଢ଼ୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ମାଘମେଳା

**ଢେଙ୍କାନାଳ** ଜିଲ୍ଲା ଯୋରନ୍ଦାଠାରେ ଆଜିଠାରୁ ମାଘ ମେଳା ଆରମ୍ଭ ହେଉଛି । ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମେଳାରେ ମହିମା ଧର୍ମାବଲମ୍ବୀ, ସାଧୁ ସନ୍ନ୍ୟାସୀ ଏବଂ ଶ୍ରଦ୍ଧାଳୁଙ୍କର ସମାଗମ ହେବ । ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର ଏବଂ ଆସାମ ରାଜ୍ୟରୁ ବହୁ ସଂଖ୍ୟାରେ ମହିମା ଧର୍ମାବଲମ୍ବୀ ମେଳାରେ ଅଂଶ ଗ୍ରହଣ କରୁଛନ୍ତି । ୫୦ଟି ମଣ୍ଡପକୁ ନେଇ ଏକ ପଲ୍ଲୀଶ୍ରୀ ମେଳା ଖୋଲାଯାଇଛି। ମହିମା ସନ୍ନ୍ୟାସୀମାନେ

ଆଜି ସନ୍ଧ୍ୟାରେ ବିଶ୍ୱ କଲ୍ୟାଣ ପାଇଁ ଘୃତ ପ୍ରଦାନ କରି ଝାଡ଼ଦୀପ ପ୍ରଜ୍ୱଳନ କରିବେ।

ସେହିଭଳି ସନ୍ଥକବି ଭୀମ ଭୋଇଙ୍କ ସମାଧିପୀଠ **ସୁବର୍ଣ୍ଣପୁର** ଜିଲ୍ଲାର ମହିମା ଖଲିଆପଲ୍ଲୀଠାରେ ସାଧୁସନ୍ଥମାନଙ୍କର ଉପସ୍ଥିତିରେ ମାଘମେଳା ଆରମ୍ଭ ହୋଇଛି। ମାଘ ଚତୁର୍ଦ୍ଦଶୀ ଦିନ ଆଜି ସ୍ୱତନ୍ତ୍ର ରୀତିନୀତି ଅନୁସାରେ, ବ୍ରାହ୍ମ ମୁହୂର୍ତ୍ତରେ ଭୀମ ଭୋଇଙ୍କର ପବିତ୍ର ସମାଧିପୀଠ ମହିମା ଖଲିଆପାଲ୍ଲୀ ମଠରେ ୧୦୮ କଳସୀ ଜଳ ଏବଂ କ୍ଷୀରରେ ଭୀମ ଭୋଇଙ୍କର ସମାଧିକୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଇଛି। ସନ୍ଧ୍ୟାରେ ୧୦୮ ଅଖଣ୍ଡ ଝାଡଦୀପ ଲାଗି କରାଯିବ।

ଆସନ୍ତାକାଲି ପ୍ରାତଃ ସମୟରେ ଭୋଗ ଅର୍ପଣ ହେବ ବୋଲି ସନ୍ଥ ଭୀମ ଭୋଇଙ୍କ ସମାଧିପୀଠ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ମାଘ ଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣିମା ଅବସରରେ ସନ୍ଥ କବି ଭୀମ ଭୋଇ ମଠରେ ବର୍ଷକୁ ଏହି ଦୁଇଦିନ ମନ୍ଦିର ଖୋଲାଯାଇ ସ୍ୱତନ୍ତ୍ର ପୂଜା ବିଧି ସହିତ ଶ୍ରଦ୍ଧାଳୁ ଏବଂ ସାଧୁସନ୍ଥମାନେ ଗାଦି ମନ୍ଦିର ଦର୍ଶନ କରିଥାନ୍ତି।

## ନିର୍ଭୁଲ ପଞ୍ଜିକା

ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ନିର୍ଭୁଲ ଏବଂ ତ୍ରୁଟିଶୂନ୍ୟ ପଞ୍ଜିକା ପ୍ରସ୍ତୁତ କରିବା ନେଇ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ୫ଟି ପଞ୍ଜିକା ପ୍ରକାଶକ ଯୋଗଦେଇଥିଲେ। ଶ୍ରୀମନ୍ଦିରରେ ପ୍ରଚଳିତ ପର୍ବପର୍ବାଣୀ ତିଥିକୁ ନେଇ ପଞ୍ଜିକାରେ କୌଣସି ଭୁଲ ରହିବ ନାହିଁ, ସେ ସମ୍ପର୍କରେ ଗୁରୁତ୍ୱ ଦେବାକୁ ପ୍ରକାଶକମାନଙ୍କୁ ପରାମର୍ଶ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ କରାଯାଇଛି। ରାଧାରମଣ, କୋହିନୂର, ଅରୁଣୋଦୟ, ଜି.ଏନ୍.ତ୍ରିପାଠୀ ଏବଂ ଭାଗ୍ୟଲିପି ପଞ୍ଜିକା ପ୍ରକାଶକ ବୈଠକରେ ଯୋଗଦେଇ ସେମାନଙ୍କର ପାଣ୍ଡୁଲିପି ଦାଖଲ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ବୈଠକରେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ସହମତି ମିଳିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଫାଇଲେରିଆ ନିରାକରଣ

**ନୟାଗଡ଼** ଜିଲ୍ଲାର ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଖମାରିସାହି ପଞ୍ଚାୟତର କଉଡା, ଘୋଳାହାଣ୍ଡି ପଞ୍ଚାୟତର ଗୋବିନ୍ଦପୁରପାଟଣା, ଦେଉଳମାଳିସାହି ଆଦି ଗ୍ରାମରେ ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଜିଲ୍ଲାର ବିଭିନ୍ନ ଗ୍ରାମରେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଔଷଧ ବଣ୍ଟନ କରାଯିବ।

## ବେଟୀ ବଚାଓ-ବେଟୀ ପଢ଼ାଓ

**ଭଦ୍ରକ** ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ହଳଦୀଡିହ ଶଖୀ ମହିଳାକେନ୍ଦ୍ରଠାରେ 'ବେଟୀ ବଚାଓ-ବେଟୀ ପଢ଼ାଓ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୈଠକରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ବାଳିକା ଏବଂ ମହିଳାମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସହାୟତା, ଆଇନ୍ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ଦୁର୍ଘଟଣା

ପୁରୀ ବାଇପାସ୍ ଟଙ୍କପାଣି ରୋଡ଼ରେ ଗତକାଲି ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣାରେ ୩ଜଣଙ୍କର ମୃତ୍ୟୁ ହୋଇଛି। ବିଳମ୍ବିତ ରାତିରେ କାର୍ ଏବଂ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟିଥିଲା। ମୃତ ବ୍ୟକ୍ତିମାନେ ବାହାର ରାଜ୍ୟର ହୋଇଥିବା ସୂଚନା ମିଳିଛି।

## ୱେଭ୍ସ୍ କର୍ମଶାଳା

ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଏବଂ ପତ୍ର ସୂଚନା କାର୍ଯ୍ୟାଳୟର ସହଯୋଗରେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ୱେଭ୍ସ୍ ସମ୍ପର୍କିତ ଏକ କର୍ମଶାଳାର ଆୟୋଜନ କରାଯାଇଛି। ଅପରାହ୍ଣ ୩ଟାରେ ଏହି କର୍ମଶାଳାରେ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକମାନେ ଯୋଗଦେଇ ୱେଭ୍ସ୍ ସମ୍ପର୍କରେ ଆଲୋଚନା କରିବେ।

# ପାଣିପାଗ

ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି ଏବଂ ରାତି ତାପମାତ୍ରା ବୃଦ୍ଧି ପାଉଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨-୩ ଦିନ ମଧ୍ୟରେ ରାତି ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବ। ଗତକାଲି ସୁନ୍ଦରଗଡ଼, ବଲାଙ୍ଗିର, ପାରଳାଖେମୁଣ୍ଡି ଏବଂ ଝାରସୁଗୁଡ଼ାର  ଦିନ ତାପମାତ୍ରା ୩୫ରୁ ଊର୍ଦ୍ଧ୍ୱ ଥିଲାବେଳେ ଫୁଲବାଣୀଠାରେ ରାତି ତାପମାତ୍ରା ସର୍ବନିମ୍ନ ୯ ଦଶମିକ ୫ ରେକର୍ଡ କରାଯାଇଥିଲା।